**ଯୁବକଙ୍କୁ ଚପଲ ମାଡ଼ ଭିଡିଓ ଭାଇରାଲ୍**
**ବ୍ରହ୍ମପୁର ଅଫିସ:** ଏମକେସିଜି ମେଡିକାଲରେ ଜଣେ ଯୁବକଙ୍କୁ ଜଣେ ମହିଳା ଚପଲରେ ମାଡ଼ ମାରୁଥିବା ଭିଡ଼ିଓ ଭାଇରାଲ୍ ହୋଇଛି। ପୋଲିସ ନିକଟରେ ଭିଡ଼ିଓ ପହଞ୍ଚିବା ପରେ ତଦନ୍ତ ଆରମ୍ଭ ହୋଇଛି। ମହିଳା ଜଣକ ଏମକେସିଜି ମେଡିକାଲ ପରିସରରେ ଉଠା ଦୋକାନ କରିଛନ୍ତି। ଅନ୍ୟପଟେ ଯୁବକ ଜଣକ ମେଡିକାଲର ଜଣେ ସୁଇପର୍ ବୋଲି ଚର୍ଚ୍ଚା ହେଉଛି। ତେବେ କାହିଁକି ମହିଳା ଜଣକ ତାଙ୍କୁ ମାଡ଼ ମାରିଲେ ତାହା ସ୍ପଷ୍ଟ ହୋଇନାହିଁ।

## ଆଜି କ'ଣ କେଉଁଠି

**ସୋରଡ଼ା**
- ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା। ସ୍ଥାନ-ଖେଳପଡିଆ। ସମୟ -ସକାଳ ୭ଟା ୪୫

**ଆସିକା**
- ପଞ୍ଚାୟତ ସମିତି ବୈଠକ। ସ୍ଥାନ- ବ୍ଲକ ସଭାଗୃହ। ସମୟ – ପୂର୍ବାହ୍ନ୧୧ଟା।

**ଫୁଲବାଣୀ**
- କୁଇ ସମାଜ ସେବା ସମିତିର ସମ୍ମିଳନୀ। ସ୍ଥାନ-ଫୁଲବାଣୀ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ସାଢ଼େ ୧୦ଟା।

## ସଂକ୍ଷେପରେ

### ମୃତ୍ତିକା ସଂରକ୍ଷଣ ଡିଇଓଙ୍କ ଝୁଲନ୍ତା ମୃତଦେହ ଜବତ

**କୋଟଗଡ, ୧୭।୧୧(ଡି.ଏନ.ଏ.):** କନ୍ଧମାଳ ଜିଲା କୋଟଗଡ ବ୍ଲକ ତୁମୁଡିବନ୍ଧ ଥାନା ବାଟାମାହା ମାଦାଗୁଡା ବାଇପାସ୍ ରାସ୍ତା କଡ଼ରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଦେଖିବାକୁ ମିଳିଛି। ମୃତ ଯୁବକଙ୍କ ନାମ ରାମଚନ୍ଦ୍ର କାର୍ଜୀ, ଘର କୋଟଗଡ ବ୍ଲକ ରଜାସାହିରେ। ସେ ତୁମୁଡିବନ୍ଧ ସମିତିସଭ୍ୟ ସୁଭଦ୍ରା ବେହେରଦଳାଇଙ୍କ ଭାଇ ବୋଲି ଜଣାପଡିଛି। ରାମଚନ୍ଦ୍ର କୋଟଗଡ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ ଡିଇଓ ଭାବେ କାର୍ଯ୍ୟରତ ଥିଲେ। ଏହା ହତ୍ୟା ନା ଆତ୍ମହତ୍ୟା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହେଇପାରିନି। ସୂଚନା ପ୍ରକାରେ, ଘଟଣା ସ୍ଥଳରେ ଥାନା ଭାରପ୍ରାପ୍ତ ଅଧିକାରୀ ଆଶୁତୋଷ ଜେନା, ଏସ୍ଆଇ ସର୍ବେଶ୍ୱର ଖାଡ଼ଙ୍ଗା, ଏସ୍ଆଇ କବିରାଜ ବତ୍ରା ତଦନ୍ତ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ପୃଥକ୍ ଆକ୍ରମଣ ଅଭିଯୋଗରେ ୨ ଗିରଫ

**ବ୍ରହ୍ମପୁର ଅଫିସ,୧୭।୧୧:** ବ୍ରହ୍ମପୁର ସଦର ଥାନା ପୋଲିସ ପୂର୍ବଶତ୍ରୁତାରୁ ପୃଥକ ଆକ୍ରମଣ ଅଭିଯୋଗରେ ଗୁରୁବାର ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି। ମାମଲା ନମ୍ବର ୫୫୨/୨୨ରେ କୁକୁଡ଼ାଖଣ୍ଡି ଜ୍ୟୋତିନଗରର ରାଜେଶ ହାତୀ (୩୨)ଙ୍କୁ ଗିରଫ କରାଯାଇଛି। ସେହିପରି ଅନ୍ୟ ଏକ ଆକ୍ରମଣ ଘଟଣାରେ ପୋଲିସ ମାମଲା ନମ୍ବର ୫୫୪/୨୨ରେ ଭାବିନିପୁର ହରିଜନ ସାହିର ଅମିତ ଦାସ ଓରଫ ଲିପୁନ ଦାସ(୨୦)ଙ୍କୁ ଗିରଫ କରିଛି। ଉଭୟ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ମହେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବୁଧବାର କୁକୁଡ଼ାଖଣ୍ଡିର ରାଜେନ୍ଦ୍ର କୁମାର ସାହୁ ବ୍ରହ୍ମପୁରରୁ କାମ ସାରି ଘରକୁ ଫେରୁଥିଲେ। ରାସ୍ତାରେ ତାଙ୍କୁ ରାଜେଶ ହାତୀ ଅଟକାଇ ପୂର୍ବଶତ୍ରୁତାରୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡଫାଟି ଯାଇଥିଲା। ପରେ ଏନେଇ ତାଙ୍କ ବାପା ପ୍ରକାଶ ସାହୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତ ରାଜେଶଙ୍କୁ ଗିରଫ କରିଛି। ସେହିପରି ଭାବିନିପୁରର ସିତୁ ସାହୁ ନାମକ ଜଣେ ଯୁବକ ବ୍ରହ୍ମପୁରରେ କାମ କରିବା ପାଇଁ ମଙ୍ଗଳବାର ସକାଳେ ଯାଉଥିଲେ। ସେଠାରେ ଅମିତ ଦାସ ତାଙ୍କୁ ଅଟକାଇ ତୋର ଭାଇ ଶମ୍ଭୁ କାହିଁ ବୋଲି ପଚାରିଥିଲେ। ପରେ ଅମିତ ସେଠାରେ ସିତୁଙ୍କୁ ମାଡ ମାରିବା ସହ ତାଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲା। ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇଯିବାରୁ ଅମିତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରେ ଆହତ ସିତୁଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଉକ୍ତ ଅଭିଯୋଗକୁ ଆଧାର କରି ଅମିତଙ୍କୁ ଗିରଫ କରିଥିଲା ବୋଲି କହିଛି।

### ମେଗା ଚକ୍ଷୁ ଚିକିତ୍ସା ଶିବିର

**ବୁଗୁଡା,୧୭।୧୧(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଗୌଡିଆ ବୋରଦା ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଗୁରୁବାର ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁନ୍ଦରୀ ମହାରଥାଙ୍କ ତତ୍ତ୍ୱାବଧାନ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ପଞ୍ଚାୟତ ସମେତ ଆଖପାଖ ପଞ୍ଚାୟତର ଲୋକମାନେ ଆସି ନିଜର ଆଖି ପରୀକ୍ଷା କରାଇଥିଲେ। ମୋଟ ୪୯ ଜଣ ବୃଦ୍ଧାବୃଦ୍ଧ ଶିବିରରେ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୨ଜଣଙ୍କ ଆଖିରେ ପରଳ ମାଡ଼ିଥିବା ଜଣାପଡିଥିଲା। ପରଳ ମାଡ଼ିଥିବା ବ୍ୟକ୍ତିଙ୍କୁ ଅସ୍ତ୍ରୋପଚାର ପାଇଁ ଶଙ୍କର ଚିକିତ୍ସାଳୟ ପକ୍ଷରୁ ଆସିଥିବା ଗାଡ଼ିରେ ମେଡିକାଲ ନିଆଯାଇଥିଲା। ସେଠାରେ ସେମାନଙ୍କୁ ମାଗଣା ଅସ୍ତ୍ରୋପଚର କରାଯିବା ସହ ରହିବା ଓ ଖାଇବାର ମଧ ବ୍ୟବସ୍ଥା କରାଯାଇଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଶଙ୍କର ଚିକିତ୍ସାଳୟ ପକ୍ଷରୁ କ୍ୟାମ୍ପ ମ୍ୟାନେଜର ଚିତ୍ରସେନ ଗୌଡ଼, ଟେକ୍ନିସିଆନ ବି. ଲଳିତା, ପାୟଲ ଗୌଡ଼ ଓ ସୋନାଲି, ସିଲୁ ବିଷୋୟୀ, ଟିପୁ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଆବର୍ଜନାରେ ପୋତି ହୋଇଛି ରାୟଗୁରୁ ମଠ ବନ୍ଧ

**ବ୍ରହ୍ମପୁର ଅଫିସ,୧୭।୧୧**

ବ୍ରହ୍ମପୁର ସହରରେ ଅନେକ ଜଳାଶୟ ଏବେ ଆବର୍ଜନାପୂର୍ଣ୍ଣ ହୋଇ ପାଣି ଦୂଷିତ ହୋଇଛି। ସହରରେ ପ୍ରାୟ ୪୨ଜଳାଶୟ ରହିଛି। ଏହି ଜଳାଶୟର ପାଣିକୁ ସ୍ଥାନୀୟ ବାସିନ୍ଦା ଦୈନନ୍ଦିନ କାର୍ଯ୍ୟଠାରୁ ଆରମ୍ଭ କରି ନିତ୍ୟକର୍ମ ନିମନ୍ତେ ବ୍ୟବହାର କରିଥାନ୍ତି। ଏଥିସହ ମନ୍ଦିର ନିକଟରେ ଥିବା ଜଳାଶୟର ପାଣି ମନ୍ଦିର କାର୍ଯ୍ୟ ନିମନ୍ତେ ବ୍ୟବହାର କରାଯାଉଛି। କିନ୍ତୁ ଏହି ଜଳାଶୟଗୁଡିକର ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ଦୂଷିତ ହେବା ସାଙ୍ଗକୁ ଆବର୍ଜନା ପୂର୍ଣ୍ଣ ହୋଇ ଅନେକ ପୋଖରୀ ପୋତି ହୋଇଯାଉଥିବା ଦେଖିବାକୁ ମିଳିଛି। ଏଭଳି ଭାବେ ବ୍ରହ୍ମପୁର ମହାନଗର ନିଗମ ୧୪ ନଂ. ୱାର୍ଡରେ ରାୟଗୁରୁ ମଠ ମନ୍ଦିରର ଏକ ପୁରାତନ ପୋଖରୀ ରହିଛି। ପୂର୍ବରୁ ଏହି ପୋଖରୀ ପାଣିକୁ ମନ୍ଦିର କାର୍ଯ୍ୟ ସହ ସ୍ଥାନୀୟ ବାସିନ୍ଦା ମଧ୍ୟ ବ୍ୟବହାର କରୁଥିଲେ। ଯାହାଦ୍ୱାରା ସ୍ଥାନୀୟ ବାସିନ୍ଦା ବହୁ ପରିମାଣରେ ଉପକୃତ ହୋଇପାରୁଥିଲେ। କିନ୍ତୁ ସମୟକ୍ରମେ ପୋଖରୀ ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହା ଆବର୍ଜନାରେ ଭର୍ତ୍ତି ହୋଇ ଅଧାରୁ ଅଧିକାଂଶ ପୋତି ହେବାକୁ ବସିଛି। ସ୍ଥାନୀୟ କେତେକ ହୋଟେଲ ବ୍ୟବସାୟୀ ସମସ୍ତ ଆବର୍ଜନା ପୋଖରୀ ମଧ୍ୟରେ ପକାଉଥିବା ଅଭିଯୋଗ ହୋଇଛି। ଏଥିସହ ପୋଖରୀ ଚତୁଃପାର୍ଶ୍ୱରେ ଅନେକ ଘର ରହିଥିବା ବେଳେ ବହୁ ବାସିନ୍ଦା ମଇଳା ପାଣି ନିଷ୍କାସନ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଅନ୍ୟପଟେ ଏହାର ପାଣି ମନ୍ଦିର କାର୍ଯ୍ୟ ନିମନ୍ତେ ବ୍ୟବହୃତ ହେଉଥିବା ବେଳେ ଏଭଳି ସ୍ଥିତି ଯୋଗୁ ବର୍ତ୍ତମାନ ଏହା ବ୍ୟବହୃତ ହୋଇପାରୁ ନାହିଁ। ତତ୍‌ସହିତ ମନ୍ଦିର କମିଟି ପକ୍ଷରୁ ବାରମ୍ବାର ସ୍ଥାନୀୟ କର୍ପୋରେଟର, ପ୍ରଶାସନ ଓ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ କୌଣସି ସହଯୋଗ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଆବର୍ଜନାପୂର୍ଣ୍ଣ ହୋଇ ବର୍ତ୍ତମାନ ସେଠାକାର ପରିବେଶ ଦୂଷିତ ଓ ମଶା ମାଛିଙ୍କ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ସଞ୍ଜ ନଇଁଲେ ପୋଖରୀ ପାର୍ଶ୍ୱରେ ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡା ଜମୁଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏଣୁ ସ୍ଥାନୀୟ ଲୋକ ପ୍ରତିନିଧି, ବିଏମ୍‌ସି କର୍ତ୍ତୃପକ୍ଷ ପୋଖରୀ ସଫେଇ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।


ଆବର୍ଜନାରେ ପୋତି ହୋଇଥିବା ରାୟଗୁରୁ ମଠ ବନ୍ଧ।

## ଦେଢ଼ବର୍ଷର ଝିଅକୁ ହତ୍ୟା ଘଟଣା
# ପ୍ରମାଣ ଅଭାବରୁ ମା' ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୭।୧୧**

ଗଞ୍ଜାମ ଜିଲା ଦୌରା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଗୁରୁବାର ଏକ ହତ୍ୟା ମାମଲାର ବିଚାର କରିଥିଲେ। ପ୍ରମାଣ ଅଭାବରୁ ଦେଢ଼ ବର୍ଷର ଝିଅକୁ ହତ୍ୟା କରିଥିବା ମା' ତଥା ଭାବିନିପୁର ମହାନ୍ତି ସାହିର ସାବିତ୍ରୀ ଗୌଡ଼ (୨୪)ଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ପ୍ରକାଶ ଯେ, ସାବିତ୍ରୀ ଓ ତାଙ୍କ ସ୍ୱାମୀ କୁଳମଣି ଗୌଡ଼ଙ୍କ ମଧ୍ୟରେ ବିଭିନ୍ନ କାରଣକୁ ନେଇ ଝଗଡ଼ା ଲାଗିରହିଥିଲା। ୨୦୨୦ ଅଗଷ୍ଟ ୨୧ରେ କୁଳମଣି ତାଙ୍କ ସ୍ତ୍ରୀଙ୍କ ସହ ଝଗଡା କରିଥିଲେ। ପରେ ସେ କାମ କରିବାକୁ ବାହାରକୁ ଚାଲିଯାଇଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ନିକଟରେ ଥିବା ନିଜର ଦେଢ଼ ବର୍ଷର ଶିଶୁ କନ୍ୟା ଅଂଶୁଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ସେ ମଧ୍ୟ ନିଜର ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସାବିତ୍ରୀଙ୍କ ଚିତ୍କାର ଶୁଣି ଉକ୍ତ ସାହିର କିଛି ଲୋକ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏମ୍‌କେସିଜିମେଡିକାଲରେ ଭର୍ତ୍ତିକରିଥିଲେ। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ଘର ଭିତରେ ପଡ଼ିଥିବା ଝିଅର ମୃତଦେହ ଜବତ କରିଥିଲା। ପରେ କୁଳମଣିଙ୍କ ବଡଭାଇ ନୀଳମଣି ଗୌଡ଼ ପୋଲିସରେ ଏନେଇ ଅଭିଯୋଗ କରିଥିଲେ। ମାମଲା ନମ୍ବର ୨୩୭/୨୦ରେ ପୋଲିସ ସାବିତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ମହିଳା ଜଣଙ୍କ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ପରେ ସେ ହାଇକୋର୍ଟରୁ ଜାମିନ ପାଇଥିଲେ। ଗୁରୁବାର ଏହି ମାମଲାର ବିଚାର ବେଳେ ସାବିତ୍ରୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୧ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜିଲା ଜଜ୍ ସାବିତ୍ରୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ତ୍ରିଲୋଚନ ପରିଡ଼ା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ବୀରେନ କୁମାର ପଟ୍ଟନାୟକ ଓ ତାଙ୍କ ସହଯୋଗୀ ଅନୋଜ କୁମାର ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଅଭିଯୁକ୍ତ ଗିରଫ

**ବଲସକୁମ୍ପା,୧୭।୧୧**

ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ଅଭିଯୋଗରେ ଗୁରୁବାର ଖଜୁରିପଡା ପୋଲିସ ଜନୈକ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ଚାରିଛକ ଥାନା ଆଡେଣୀଗଡ ଫାଣ୍ଡି ଅନ୍ତର୍ଗତ ମାଧପୁରର ବିଘ୍ନେଶ ବେହେରା। ସୂଚନାନୁଯାୟୀ, ବିଘ୍ନେଶ ୨୦୧୬ ରୁ ଖଜୁରିପଡା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ସମ୍ପର୍କ ରଖିଥିଲେ। ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ତେବେ ପରେ ସେ ଆଉ ସଂପୃକ୍ତ ଯୁବତୀଙ୍କୁ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ପୀଡିତା ଯୁବତୀ ଖଜୁରିପଡା ଥାନାରେ ଏତଲା ଦେବାପରେ ପୋଲିସ ନଂ ୧୩୨/୨୨ ରୁଜୁ କରି ଅଭିଯୁକ୍ତ ବିଘ୍ନେଶଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଗେଲ୍ଲୀ କୁମାରୀ ସାହୁ କହିଛନ୍ତି।

## ସିଟି ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍‌ର ରକ୍ତଦାନ ଶିବିର

**ବ୍ରହ୍ମପୁର ଅଫିସ,୧୭।୧୧**

ବ୍ରହ୍ମପୁର ସହର ଉପକଣ୍ଠସ୍ଥ ସିଟି ମହାବିଦ୍ୟାଳୟରେ ଗୁରୁବାର ଏନ୍‌ଏସ୍‌ଏସ୍ ଓ ଏଚଡ଼ିଏଫ୍‌ସି ବ୍ୟାଙ୍କ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ଡ଼.ଅନୀତା କୁମାରୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌କେସିଜି ମେଡ଼ିକାଲ ବ୍ଲକ ବ୍ୟାଙ୍କ ଅଫିସର ବି.ପ୍ରସନ୍ନ କୁମାର ରଥ, ସମ୍ମାନିତ ଅତିଥିଭାବେ ଏଚଡ଼ିଏଫସି ବ୍ୟାଙ୍କ ବ୍ରାଞ୍ଚ ଅପରେଶନ ମ୍ୟାନେଜର ରାଜେଶ କୁମାର ମଲ୍ଲୁ ଉପସ୍ଥିତ ଥିଲେ। ମେଡ଼ିକାଲ ବ୍ଲଡ଼ ବ୍ୟାଙ୍କ କର୍ମଚାରୀଙ୍କ ଉପସ୍ଥିତରେ ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକ କର୍ମଚାରୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ। ପ୍ରାୟ ୪୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏନ୍‌ସିସି ଅଧିକାରୀ ଅଧ୍ୟାପକ ଲ୍ୟୁଟେନାଣ୍ଟ ମେଘାନାଦ ପ୍ରଧାନ ଓ ଜିଲା ଏନ୍‌ଏସ୍‌ଏସ୍ ଅଧିକାରୀ ସୁଦାମ ଚରଣ ବିଷୋୟୀ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଅଧିକାରୀ ଡ.ସସ୍ମିତା ପଟ୍ଟନାୟକ, ହିମାଂଶୁ ଶେଖର ଗୌଡ଼ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିପୁଳ ପରିମାଣର ଦେଶୀ ମଦ, ଗଞ୍ଜେଇ ଜବତ

## ୧୩ ଗିରଫ, ୧୧ ବାଇକ୍ ଜବତ

**ବ୍ରହ୍ମପୁର ଅଫିସ,୧୭।୧୧**

ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଦୁଇଟି ସ୍ଥାନରେ ଚଢାଉ କରାଯାଇ ବେଆଇନ ଚାଲାଣ ହେଉଥିବା ବିପୁଳ ପରିମାଣର ଦେଶୀ ମଦ ଓ ଗଞ୍ଜେଇ ଜବତ ହୋଇଛି। ଦୁଇଟି ମାମଲାରେ ଅବକାରୀ ପୋଲିସ ଗୁରୁବାର ୧୩ ଜଣଙ୍କୁ ଗିରଫ କରିଛି। ୧୧ବାଇକ୍ ଓ ଗୋଟିଏ ସାଇକେଲ ଜବତ କରାଯାଇଛି। କୁକୁଡ଼ାଖଣ୍ଡି ବ୍ଲକର ବିଭିନ୍ନ ଆଦିବାସୀ ଅଞ୍ଚଳରୁ ଚୋରାରେ ପ୍ରସ୍ତୁତ ହେଉଥିବା ଦେଶୀ ମଦ ଆଣି ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିବା ଜଣାପଡିଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ ଭାବେ ୧୨ଟି ମାମଲାରେ ୧୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଗଞ୍ଜେଇ ଗଜପତି ଜିଲାରୁ ଆଣି ବ୍ରହ୍ମପୁର ଦେଇ ଭୁବନେଶ୍ୱର ଚାଲାଣ ପାଇଁ ବସ୍‌କୁ ଅପେକ୍ଷା କରିଥିବା ବେଳେ ଜଣେ ଯୁବକଙ୍କୁ ଅବକାରୀ ଟିମ୍ ଗିରଫ କରିଛି। ଅବକାରୀ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ଏହି ସୂଚନା ଦେଇଛନ୍ତି।

ଅବକାରୀ ଡେପୁଟି କମିଶନର ଅଶୋକ କୁମାର ଶତପଥୀଙ୍କ ନିର୍ଦ୍ଦେଶରେ ଚଢ଼ାଉ ପାଇଁ ଟିମ୍ ଗଠନ ହୋଇଥିଲା। ଗୋଟିଏ ଟିମ୍ ଗୋପାଳପୁର ଜଙ୍କ୍‌ଶନରେ ଚଢାଉ କରି ବସ୍‌କୁ ଅପେକ୍ଷା କରିଥିବା ଜଣେ ଯୁବକ ଧରିଥିବା ବ୍ୟାଗରେ ୧୦ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଅନ୍ୟପଟେ କୁମ୍ଭରୀ ନିକଟରେ ଅବକାରୀ ଟିମ୍ ବ୍ଲକିଂ କରିଥିଲା। ସେଠାରେ ଗୋଟିଏ ପରେ ଗୋଟିଏ ବାଇକ୍ ଓ ସାଇକେଲରେ ଆସୁଥିବା ମଦ ଜବତ କରିଥିଲା। ୧୨ ଜଣ ଦେଶୀ ମଦ ଚାଲାଣକାରୀଙ୍କଠାରୁ ୨୪୦ ଲିଟର ମଦ ଜବତ କରାଯାଇଥିଲା।

# ଏମ୍‌କେସିଜିରୁ ଔଷଧ ଚୋରି, ଆଟେଣ୍ଡାଣ୍ଟ ନିଲମ୍ବିତ

**ବ୍ରହ୍ମପୁର ଅଫିସ,୧୭।୧୧**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି)ମେଡିକାଲରୁ ଔଷଧ ଚୋରି ହେବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲା। ହେଲେ ଏ ନେଇ କୌଣସି ପ୍ରମାଣ ମିଳୁ ନ ଥିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ପଦକ୍ଷେପ ନେଇପାରୁ ନ ଥିଲେ। ଏବେ ଜଣେ କର୍ମଚାରୀ ଔଷଧ ଚୋରିକରି ଯାଉଥିବା ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏହି ଫୁଟେଜକୁ ଆଧାରକରି ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ର ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛନ୍ତି। ଏତଲା କ୍ରମେ ପୋଲିସ ମେଡିକାଲ ଆଟେଣ୍ଡାଣ୍ଟ ମିଟୁ ଦଳବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଟୁଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ଅଧୀକ୍ଷକ ମିଶ୍ର କହିଛନ୍ତି। ସୁପରସ୍ପେଶାଲିଟି କୋଠାର ବିଭିନ୍ନ ବିଭାଗରୁ ବାରମ୍ବାର ରୋଗୀଙ୍କ ଔଷଧ ଚୋରି ହେଉଥିବା ଅଭିଯୋଗ ଆସିଥିଲା। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ସିସି କ୍ୟାମେରା ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଜଣେ ଯୁବକ ହାତରେ ଦୁଇଟି ବଡ଼ ପଲିଥିନ୍ ଧରି ଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସେ କିଛି ଔଷଧ ଓ ଇଞ୍ଜେକ୍ସନ ଧରି ଯାଉଥିବା ଜଣାପଡ଼ିଥିଲା। ଯୁବକ ଜଣକ ଜଣେ ଆଟେଣ୍ଡାଣ୍ଟ ହୋଇଥିବା ବେଳେ ତାଙ୍କ ବିରୋଧରେ ଔଷଧ ଚୋରି ପାଇଁ ଥାନାରେ ଏତଲା ଦିଆଯାଇଥିଲା। ସରକାରୀ ଯୋଗାଣ ଔଷଧ କେବଳ ଡାକ୍ତରଖାନାରେ ରୋଗୀଙ୍କ ବ୍ୟବହାର ପାଇଁ ଅନୁମତି ରହିଛି। ସେହି ଔଷଧ ବାହାରେ ବ୍ୟବହାର କରି ହେବ ନାହିଁ କି ବିକ୍ରି କରିପାରିବେ ନାହିଁ। ଏଣୁ ସେଭଳି ଔଷଧ କିଛି ନର୍ସିଂହୋମକୁ ଚାଲାଣ ହେଉଥିଲା ବୋଲି ପୋଲିସ ସନ୍ଦେହ କରୁଛି। କାରଣ ଗତ କିଛିବର୍ଷ ତଳେ ଜିଲା ପ୍ରଶାସନର ଏକ ଟିମ୍ ସହରର ଏକ ନିର୍ଦ୍ଦିଷ୍ଟ ନର୍ସିଂହୋମରେ ଚଢ଼ାଉକରି ସରକାରୀ ଯୋଗାଣ ଔଷଧ ଜବତ କରିଥିଲା। ମେଡିକାଲରୁ ଔଷଧ ଚୋରିକରି ବାହାରକୁ ଚାଲାଣ କରିବା ପରେ ତାହା ବ୍ୟବହାର ହେଉଥିଲା। ଔଷଧ ଖୋଳ ପୁଣି ଡାକ୍ତରଖାନା ଆଣି ତାହା ରୋଗୀଙ୍କ ପାଇଁ ବ୍ୟବହାର ହୋଇଥିବା ଦର୍ଶାଯାଉଥିଲା।

## ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮.୨ଡିଗ୍ରୀ ସେଲ୍‌ସିୟସ୍

**ଜି.ଉଦୟଗିରି,୧୭।୧୧(ଡି.ଏନ.ଏ.)**

ଗତ ୫ ଦିନ ହେବ ପ୍ରବଳ ଶୀତରେ ଥରୁଛି କନ୍ଧମାଳ ଜିଲା ଜି.ଉଦୟଗିରି ସହର। ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ ବୁଧବାର ୮ ଡିଗ୍ରୀ ଓ ଗୁରୁବାର ୮.୨ ଡିଗ୍ରୀ ସେଲ୍‌ସିୟସ ରହିଛି ବୋଲି ସ୍ଥାନୀୟ କୃଷି ଗବେଷଣା କେନ୍ଦ୍ର ତରଫରୁ ଜଣାପଡ଼ିଛି। ପ୍ରବଳ ଶୀତ ସାଙ୍ଗକୁ ଘନକୁହୁଡି ଯୋଗୁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହେଉଛି।

# ୧୦ ଫୁଟିଆ ଅଜଗର ଉଦ୍ଧାର

**ଜି.ଉଦୟଗିରି,୧୭।୧୧(ଡି.ଏନ.ଏ.)**

ଜି.ଉଦୟଗିରି ଶ୍ରୀରାମପଦାସ୍ଥିତ ତାରିଣୀ ମନ୍ଦିର ପରିସରରୁ ଗୁରୁବାର ଏକ ୧୦ ଫୁଟିଆ ଅଜଗରକୁ ଜି.ଉଦୟଗିରି ସ୍ନେକ ହେଲ୍ପ ଲାଇନ ଟିମ୍ ଉଦ୍ଧାର କରିଛନ୍ତି। ଟିମ୍ ତରଫରୁ ଜଗନ୍ନାଥ ନାୟକ, ବାବୁନା ପ୍ରଧାନ, ପ୍ରବୀଣ ନାୟକ, ଜିତେନ୍ଦ୍ର କୁମାର ଦାଶ, ରାଜୀବ ଲୋଚନ ନାୟକ ପ୍ରମୁଖ ସାମିଲ ହୋଇ ସାପକୁ କଳିଙ୍ଗା ଜଙ୍ଗଲରେ ଛଡାଯାଇଛି ବୋଲି କହିଛନ୍ତି ସ୍ନେକ ହେଲ୍ପ ଲାଇନ ଟିମ୍ ସଦସ୍ୟ ଜଗନ୍ନାଥ ନାୟକ କହିଛନ୍ତି।


ଉଦ୍ଧାର ଅଜଗର।

# ତିନି ସମବାୟ ସଂସ୍ଥା ଉପସଭାପତି ହେବେ ମହିଳା

## ପୁଣି ଚଳଚଞ୍ଚଳ ସମବାୟ ରାଜନୀତି

- ଜିଲା ସମବାୟ ସଂଘ ପାଇଁ ୨୮ରେ ନାମାଙ୍କନ

**ବ୍ରହ୍ମପୁର ଅଫିସ,୧୭।୧୧**

ବ୍ରହ୍ମପୁରର ୩ ସମବାୟ ସଂସ୍ଥା ବିସିସି ବ୍ୟାଙ୍କ, ଗଞ୍ଜାମ ଜିଲା ସମବାୟ ସଂଘ ଓ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (ବିଆରଏମ୍‌ସିଏସ୍)ସଭାପତି ନିର୍ବାଚନ ସରିଛି। ଏହି ୩ କେନ୍ଦ୍ରୀୟ ସମବାୟ ଅନୁଷ୍ଠାନ ଉପସଭାପତି ନିର୍ବାଚନପାଇଁ ପୁଣି ସମବାୟ ରାଜନୀତି ଚଳଚଞ୍ଚଳ ହୋଇଯାଇଛି। ଉପରୋକ୍ତ ସଂସ୍ଥାଗୁଡ଼ିକରେ ପୁରୁଷମାନେ ସଭାପତି ନିର୍ବାଚିତ ହୋଇଥିବାରୁ ନିୟମ ପ୍ରକାରେ ମହିଳା ହେବେ ଉପସଭାନେତ୍ରୀ। ପ୍ରଥମେ ସମବାୟ ସଂଘ ଉପସଭାପତି ନିର୍ବାଚନ ନିମନ୍ତେ ରିଟର୍ନିଂ ଅଫିସରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଆସନ୍ତା ୨୮ରେ ନାମାନଙ୍କନ ଦାଖଲ କରାଯିବ। ଆବଶ୍ୟକସ୍ଥଳେ ପରଦିନ ଭୋଟ ଗ୍ରହଣ ହେବ।

ଅବିଭକ୍ତ ଗଞ୍ଜାମ ଜିଲା ସମବାୟ ସଂଘର ୧୫ ଜୋନ୍ ମଧ୍ୟରୁ ୧୨ ଜୋନ୍‌ରେ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ଅପ୍ରତିଦ୍ୱନ୍ଦ୍ୱିଭାବେ ନିର୍ବାଚିତ ହୋଇଛନ୍ତି। ଶେରଗଡ଼ ଓ ବୁଗୁଡ଼ାକୁ ନେଇ ଗଠିତ ୫ନଂ. ଜୋନ୍ ଏବଂ ହିଞ୍ଜିଳିକାଟୁ ୧୪ନଂ. ଜୋନରେ ନିର୍ଦ୍ଦେଶକ ପଦ ଖାଲି ପଡ଼ିଛି। ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡିକୁ ନେଇ ଗଠିତ ୯ନଂ ଜୋନ୍‌ରୁ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ନିର୍ଦ୍ଦେଶକ ନିର୍ବାଚିତ ହୋଇଛନ୍ତି। ଶାସକ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ନିର୍ବାଚିତ ହୋଇ ସଂଖ୍ୟା ଗରିଷ୍ଠ ଥିବାରୁ ସଭାପତି ଭାବେ ବିଜେଡି ନେତା କୈଳାସ ରଣା ନିର୍ବାଚିତ ହୋଇଛନ୍ତି।

ସମବାୟ ସଂଘକୁ ୩ ମହିଳା ନିର୍ଦ୍ଦେଶିକା ଭାବେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଝୁନୁ ଗୌଡ଼, ରାଜଲକ୍ଷ୍ମୀ ସାହୁ ଓ ମଞ୍ଜୁଳା ବଡ଼େଇ ଅଛନ୍ତି। ଏମାନଙ୍କ ମଧ୍ୟରୁ କାହାକୁ ଉପସଭାନେତ୍ରୀ କରାଯିବ ସେନେଇ ବିଚାର ବିମର୍ଶ ଚାଲିଛି। ବିଜେଡିର ସମବାୟ ନିର୍ବାଚନ କମିଟି ବୈଠକରେ ନିଷ୍ପତ୍ତି ନିଆଯିବାର ଜିଲା ସଭାପତି ସୂଚନା ଦେଇଛନ୍ତି। ବିସିସି ବ୍ୟାଙ୍କ ପରିଚାଳନା ବୋର୍ଡ ଉପସଭାପତି ପାଇଁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବାର କୁହାଯାଇଛି। ବ୍ୟାଙ୍କକୁ ୪ ମହିଳା ନିର୍ଦ୍ଦେଶିକା ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ଶାସକ ଦଳ ମନୋନୀତ ଗୀତାଞ୍ଜଳି ପ୍ରଧାନ, ବିଷ୍ଣୁପ୍ରିୟା ନାୟକ ଏବଂ ବିଦ୍ରୋହୀ ପ୍ରାର୍ଥୀ କୁନି କୁମାରୀ ଦାସ ଓ ସୁଷମା ବେହେରାଙ୍କ ମଧ୍ୟରୁ ଜଣେ ମନୋନୀତ ହେବେ। ବିଆରଏମ୍‌ସିଏସ୍‌ରେ ମଧ୍ୟ ଜଣେ ମହିଳା ନିର୍ଦ୍ଦେଶକ ଉପସଭାନେତ୍ରୀ ହେବେ। ତେଣୁ ଶାସକ ଦଳରେ ତର୍ଜମା ଆରମ୍ଭ ହୋଇଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**
bmpselfie@gmail.com


@ ଅଲିଶା


@ ରଶ୍ମିତା


@ ଶିବାନୀ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

